# NATIONAL NEWS BULLETIN (ODIA)

**8 April - 2026**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ଆସାମ, କେରଳମ୍ ଓ ପୁଡୁଚେରୀ ବିଧାନସଭା ନିର୍ବାଚନ ପାଇଁ ଆସନ୍ତାକାଲି ହେବ ମତଦାନ
- ପ୍ରଧାନମନ୍ତ୍ରୀ ମୁଦ୍ରା ଯୋଜନା ଯୁବବର୍ଗଙ୍କ ମଧ୍ୟରେ ଆତ୍ମନିଯୁକ୍ତିକୁ ପ୍ରୋତ୍ସାହନ ଦେଇଛି; ଯୋଜନାର ୧୧ ବର୍ଷ ପୂର୍ତ୍ତି ଅବସରରେ କହିଲେ ପ୍ରଧାନମନ୍ତ୍ରୀ
- ଆମେରିକା ଓ ଇରାନ ମଧ୍ୟରେ ଅସ୍ତ୍ରବିରତି ଘୋଷଣାକୁ ଜାତିସଂଘ ପକ୍ଷରୁ ସ୍ୱାଗତ
- ଦ୍ୱିମାସିକ ମୁଦ୍ରାନୀତି ଘୋଷଣା କଲା ଭାରତୀୟ ରିଜର୍ଭବ୍ୟାଙ୍କ – ୫ ଦଶମିକ ୨/୫ ପ୍ରତିଶତରେ ଅପରିବର୍ତ୍ତିତ ରହିଲା ରେପୋରେଟ୍

ଏବଂ

- ଆର୍ଜେଣ୍ଟିନା ଗସ୍ତ ପାଇଁ ୨୪ ଜଣିଆ ଭାରତୀୟ ମହିଳା ହକି ଦଳ ଘୋଷଣା କଲା ହକି ଇଣ୍ଡିଆ

---

## ଇଲେକ୍ସନ୍

ଆସାମ, କେରଳମ୍ ଓ କେନ୍ଦ୍ର ଶାସିତ ଅଞ୍ଚଳ ପୁଡୁଚେରୀରେ ଆସନ୍ତାକାଲି ବିଧାନସଭା ନିର୍ବାଚନ ପାଇଁ ମତଗ୍ରହଣ କରାଯିବ ।

ଆସାମର ୧୨୬ଟି, କେରଳମ୍‌ର ୧୪୦ ଏବଂ ପୁଡୁଚେରୀର ୩୦ଟି ଆସନ ପାଇଁ ମତଦାନ ଅନୁଷ୍ଠିତ ହେବ । ଏଥିପାଇଁ ନିର୍ବାଚନ କମିଶନଙ୍କ ପକ୍ଷରୁ ସମସ୍ତ ପ୍ରକ୍ରିୟା ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି । ଗତକାଲି ସନ୍ଧ୍ୟାରେ ସେହି ଅଞ୍ଚଳଗୁଡ଼ିକରେ ନିର୍ବାଚନ ପ୍ରଚାର ଶେଷ ହୋଇଛି ।

ନିର୍ବାଚନ ହେବାକୁ ଥିବା ଅଞ୍ଚଳଗୁଡ଼ିକରେ ଷ୍ଟ୍ରଙ୍ଗ ରୁମ୍ ଖୋଲି ଇଭିଏମ୍‌ଗୁଡ଼ିକର ଯାଞ୍ଚ କାର୍ଯ୍ୟ ଆରମ୍ଭ କରାଯାଇଛି । ସମସ୍ତ ନିର୍ବାଚନ ମଣ୍ଡଳୀର ମତଦାନ କେନ୍ଦ୍ରକୁ ଇଭିଏମ୍ ମେସିନ ପଠାଇବାର ବ୍ୟବସ୍ଥା ଜାରି ରହିଛି ।

ତାମିଲନାଡୁରେ ଗୋଟିଏ ପର୍ଯ୍ୟାୟ ନିର୍ବାଚନ ଓ ପଶ୍ଚିମବଙ୍ଗରେ ପ୍ରଥମ ପର୍ଯ୍ୟାୟ ମତଦାନ ପାଇଁ ଆସନ୍ତାକାଲି ହେଉଛି ପ୍ରାର୍ଥୀପତ୍ର ପ୍ରତ୍ୟାହାରର ଶେଷ ଦିବସ । ଏହି ପର୍ଯ୍ୟାୟ ପାଇଁ ଗତକାଲି ନାମାଙ୍କନପତ୍ର ଗୁଡ଼ିକର ଯାଞ୍ଚ୍ ପ୍ରକ୍ରିୟା ଶେଷ ହୋଇଛି ।

ଅନ୍ୟପକ୍ଷରେ ପଶ୍ଚିମବଙ୍ଗର ଦ୍ୱିତୀୟ ତଥା ଅନ୍ତିମ ପର୍ଯ୍ୟାୟ ନିର୍ବଚାନ ପାଇଁ ନାମାଙ୍କନପତ୍ର ଦାଖଲ ପ୍ରକ୍ରିୟା ଆସନ୍ତାକାଲି ଶେଷ ହେଉଛି । ଭବାନୀପୁର ବିଧାନସଭା ଆସନରୁ ତୃଣମୂଳ କଂଗ୍ରେସ ମୁଖ୍ୟ ମମତା ବାନାର୍ଜୀ ଆଜି ତାଙ୍କର ନାମାଙ୍କନପତ୍ର ଦାଖଲ କରିଛନ୍ତି । ଗତ ସପ୍ତାହରେ ଏହି ଆସନରୁ ବିଧାନସଭାର ବିରୋଧୀ ଦଳ ନେତା ତଥା ବିଜେପି ପ୍ରାର୍ଥୀ ଶୁଭେନ୍ଦୁ ଅଧିକାରୀ ତାଙ୍କ ନାମାଙ୍କନପତ୍ର ଦାଖଲ କରିଥିଲେ ।

---

## ଡବ୍ଲୁବି-ଭୋଟର ଲିଷ୍ଟ୍

ପଶ୍ଚିମବଙ୍ଗରେ ଅନୁଷ୍ଠିତ ହୋଇଥିବା ସ୍ୱତନ୍ତ୍ର ଭୋଟର ତାଲିକା ପ୍ରସ୍ତୁତି ପ୍ରକ୍ରିୟାରେ ପ୍ରାୟ ୯୧ ଲକ୍ଷ ଭୋଟର ବାଦ୍ ପଡ଼ିଛନ୍ତି । ସରକାରୀ ତଥ୍ୟ

ଅନୁଯାୟୀ, ପୂର୍ବରୁ ଏହି ପ୍ରକ୍ରିୟାରେ ୬୩ ଲକ୍ଷ ଭୋଟରଙ୍କ ନାମ ବାଦ୍ ପଡ଼ିଥିଲା । ତେବେ ନ୍ୟାୟିକ ବିଚାର ପରେ ଅତିରିକ୍ତ ୨୭ଲକ୍ଷ ଭୋଟରଙ୍କୁ ଅଯୋଗ୍ୟ ଘୋଷଣା କରାଯାଇଛି । ନକଲି, ମୃତ, ସ୍ଥାନାନ୍ତରିତ ଏବଂ ଅନ୍ୟାନ୍ୟ ଅଯୋଗ୍ୟ ଭୋଟରଙ୍କୁ ବାଦ୍ ଦେଇ ଏହି ଭୋଟର ତାଲିକା ପ୍ରସ୍ତୁତ କରାଯାଇଥିବା ନିର୍ବାଚନ କମିଶନ ସୂଚନା ଦେଇଛନ୍ତି । ତେବେ ମତଦାନ ପୂର୍ବରୁ ସଂପୂର୍ଣ୍ଣ ଭୋଟର ତାଲିକା ପ୍ରସ୍ତୁତ ହେବ । କୋଲକାତାର ବିଭିନ୍ନ ନିର୍ବାଚନ ମଣ୍ଡଳୀରୁ ପ୍ରାୟ ୭ ଲକ୍ଷ ଭୋଟର ବାଦ୍ ପଡ଼ିଛନ୍ତି ।

## ମୁଦ୍ରା ଯୋଜନା

ପ୍ରଧାନମନ୍ତ୍ରୀ ମୁଦ୍ରା ଯୋଜନା ଆଜି ୧୧ ବର୍ଷ ପୂରଣ କରିଛି । ଏହା ୨୦୧୫ ଏପ୍ରିଲ୍ ୮ ତାରିଖରେ ଶୁଭାରମ୍ଭ ହୋଇଥିଲା । କେନ୍ଦ୍ର ସରକାରଙ୍କ ଏହି ମହତ୍ତ୍ୱାକାଂକ୍ଷୀ ଯୋଜନା ଅଣୁ ଉଦ୍ୟୋଗ ଓ ଯୁବ ବ୍ୟବସାୟୀଙ୍କୁ ଆର୍ଥିକ ପ୍ରୋତ୍ସାହନ ପାଇଁ  ସେମାନଙ୍କ ଉଦ୍ୟୋଗିକ ବିକାଶ ଦିଗରେ ବିଶେଷ ସହାୟକ ହୋଇଆସିଛି । ବନ୍ଧକ ଜନିତ ଅସ୍ୱାଭାବିକତାକୁ  ଦୂର କରିବା ସହ ଉଦ୍ୟୋଗୀମାନଙ୍କୁ ସହଜରେ ଋଣ ମିଳିବା   ସହ ସେମାନଙ୍କ ବ୍ୟବସାୟକୁ ତୃଣମୂଳ ସ୍ତରରୁ ଉନ୍ନତ କରିବା ଦିଗରେ ମୁଦ୍ରା ଯୋଜନା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଆସିଛି । ଏହି ୧୧ ବର୍ଷ ମଧ୍ୟରେ ପ୍ରଧାନମନ୍ତ୍ରୀ ମୁଦ୍ରା ଯୋଜନା କ୍ରମାଗତ ଭାବେ ଆର୍ଥିକ ଅନ୍ତର୍ଭୁକ୍ତିକରଣ ଓ ତୃଣମୂଳସ୍ତରର ଅଭିନବତ୍ୱକୁ ସୁଦୃଢ଼ କରିବାରେ ବିଶେଷ ଯୋଗଦାନ ରଖିଆସିଛି । ବଡ଼ବଡ଼ କର୍ପୋରେଟ ସଂସ୍ଥାକୁ ବ୍ୟାଙ୍କଗୁଡ଼ିକ ଅନାୟାସରେ ଋଣ ଦେଉଥିବା ବେଳେ ସାଧାରଣ ଲୋକ ଋଣ ପାଇବା କଷ୍ଟକର ହୋଇପଡୁଥିଲା । ଠିକ୍ ସେହି ସମୟରେ ମୁଦ୍ରା ଯୋଜନା କ୍ଷୁଦ୍ର

ବ୍ୟବସାୟୀଙ୍କୁ  ସ୍ୱଚ୍ଛ ଏବଂ ଆର୍ଥିକ ସହାୟତା ପ୍ରଦାନ କରି ଧନୀ ଓ ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ଥିବା ବ୍ୟବଧାନକୁ ଦୂର କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିପାରିଛି ।

## ପିଏମ୍ ଏଫ୍ଏମ୍-ମୁଦ୍ରା ଯୋଜନା

ଯୁବବର୍ଗଙ୍କ ମଧ୍ୟରେ ଆତ୍ମନିଯୁକ୍ତିକୁ ପ୍ରୋତ୍ସାହନ ଦେବାରେ ପ୍ରଧାନମନ୍ତ୍ରୀ ମୁଦ୍ରା ଯୋଜନା ଅତ୍ୟନ୍ତ ଲାଭଦାୟକ ହୋଇପାରିଛି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି । ଏକ ସାମାଜିକ ଗଣମାଧ୍ୟମରେ ଶ୍ରୀ ମୋଦୀ କହିଛନ୍ତି, ଏହି ଯୋଜନାର ସଫଳତା ପ୍ରମାଣ କରିଛି ଯେ ଯେତେବେଳେ ବ୍ୟକ୍ତିବିଶେଷଙ୍କୁ ଉପଯୁକ୍ତ ସୁଯୋଗ ଦିଆଯାଇଥାଏ, ସେତେବେଳେ ସେମାନେ ଆତ୍ମନିର୍ଭର ହେବା ସହ ଦେଶର ପ୍ରଗତିରେ ଉଲ୍ଲେଖନୀୟ ଅବଦାନ ରଖିଥାନ୍ତି ।

ଏହି ଅବସରରେ, କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ କହିଛନ୍ତି ଯେ ମୁଦ୍ରା ଯୋଜନା ଦେଶର ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ-ଏମ୍ଏସଏମ୍ଇ ଏବଂ ଅସଂଖ୍ୟ ବ୍ୟକ୍ତିଙ୍କ ପାଇଁ ଋଣ ସହାୟତା ଦେବାରେ ଏକ ବଡ଼ ଭୂମିକା ନିର୍ବାହ କରିଛି । ବିଗତ ଦଶନ୍ଧିରେ ଭାରତର ସାଧାରଣ ନାଗରିକ ବିଭିନ୍ନ ଆର୍ଥିକ ଯୋଜନା ମାଧ୍ୟମରେ ସେମାନଙ୍କର ଔଦ୍ୟୋଗିକ ବିକାଶ ଘଟାଇ ପାରିଛନ୍ତି ଏବଂ ତାହା ଦ୍ୱାରା ଦେଶରେ ଏକ ଆର୍ଥିକ ରୂପାନ୍ତରଣ ସୃଷ୍ଟି ହୋଇପାରିଛି ବୋଲି ସେ କହିଛନ୍ତି । ୨୦୪୭ ସୁଦ୍ଧା ବିକଶିତ ଭାରତ ଲକ୍ଷ୍ୟ ହାସଲ ଦିଗରେ ମୁଦ୍ରା ଯୋଜନା

ଉଦ୍ୟୋଗୀମାନଙ୍କୁ ଆହୁରି ସଶକ୍ତ କରିଚାଲିବ ବୋଲି ଅର୍ଥମନ୍ତ୍ରୀ ଶ୍ରୀମତୀ ସୀତାରମଣ କହିଛନ୍ତି ।

ପ୍ରଧାନମନ୍ତ୍ରୀ ମୁଦ୍ରା ଯୋଜନାରେ ୪୦ ଲକ୍ଷ କୋଟି ଟଙ୍କାର ପାଖାପାଖି ୫୮ କୋଟି ଋଣ ସହାୟତା ଯୋଗାଇ ଦିଆଯାଇଛି । ସେଥିମଧ୍ୟରୁ ଦୁଇତୃତୀୟାଂଶ ମହିଳା ଉଦ୍ୟୋଗୀଙ୍କୁ ପ୍ରଦାନ କରାଯାଇଛି । ସାମଗ୍ରିକ ଋଣର ପ୍ରାୟ ଏକପଞ୍ଚମାଂଶ ପ୍ରଥମଥର ପାଇଁ ଉଦ୍ୟୋଗୀ ହୋଇଥିବା ବ୍ୟକ୍ତିଙ୍କୁ ପ୍ରଦାନ କରାଯାଇଛି ।

## ୟୁଏନ୍-ସିସ୍‌ଫାୟାର

ପଶ୍ଚିମ ଏସିଆରେ ଆମେରିକା ଓ ଇରାନ ମଧ୍ୟରେ ଚାଲିଥିବା ଯୁଦ୍ଧରେ ଅସ୍ତ୍ରବିରତି ଘୋଷଣା ହେବା ପରେ ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରସ୍ ଏହାକୁ ସ୍ୱାଗତ କରିଛନ୍ତି । ଏହି ପରିପ୍ରେକ୍ଷୀରେ ଯୁଦ୍ଧରେ ସଂପୃକ୍ତ ଥିବା ସବୁ ପକ୍ଷ ଅନ୍ତର୍ଜାତୀୟ ନିୟମକୁ ମାନିବା ସହ ଅସ୍ତ୍ରବିରତି ନେଇ କରାଯାଇଥିବା ସର୍ତ୍ତକୁ ଅନୁସରଣ କରିବା ଲାଗି ଶ୍ରୀ ଗୁଟେରସ୍ ଆହ୍ୱାନ ଦେଇଛନ୍ତି । ଏକ ବିବୃତିରେ ଦେଇ ସେ କହିଛନ୍ତି ବର୍ତ୍ତମାନ ପରିପ୍ରେକ୍ଷୀରେ ସମସ୍ତ ପ୍ରକାର ଶତ୍ରୁତା ପରିହାର କରି ଲୋକଙ୍କ ସୁରକ୍ଷାକୁ ଅଗ୍ରାଧିକାର ଦିଆଯିବା ସହ ମାନବୀୟ ଯନ୍ତ୍ରଣାକୁ ଦୂର କରିବାକୁ ପଦକ୍ଷେପ ନିଆଯିବା ଦରକାର । ହର୍ମୁଜ ପ୍ରଣାଳୀ ଦେଇ ଜାହାଜ ଚଳାଚଳକୁ ଅନୁମତି ପ୍ରଦାନ ପରିପ୍ରେକ୍ଷୀରେ ଦୁଇସପ୍ତାହର ଅସ୍ତ୍ରବିରତି ପାଇଁ ଆମେରିକା ସମ୍ମତି ପ୍ରଦାନ କରିଥିବା ନେଇ  ଡୋନାଲ୍‌ଡ ଟ୍ରମ୍ପଙ୍କ ଘୋଷଣା ପରେ ଜାତିସଂଘ ମହାସଚିବ ଶ୍ରୀ ଗୁଟେରସ୍ ଏଭଳି ମନ୍ତବ୍ୟ ଦେଇଛନ୍ତି । ସେ କହିଛନ୍ତି, ପଶ୍ଚିମ ଏସିଆରେ ଅସ୍ତ୍ରବିରତି ସମଗ୍ର ବିଶ୍ୱ ପାଇଁ ଆଶ୍ୱସ୍ତି ଆଣିଦେଇଛି ।

# ଟ୍ରମ୍ପ-ଇରାନ ରିକନ୍‌ଷ୍ଟ୍ରକ୍‌ସନ

ଇରାନ ବିରୁଦ୍ଧରେ ଦୁଇସପ୍ତାହର ଯୁଦ୍ଧ ବିରତି ଘୋଷଣା ପରେ ଆମେରିକା ରାଷ୍ଟ୍ରପତି ଡୋନାଲ୍‌ଡ ଟ୍ରମ୍ପ କହିଛନ୍ତି, ବିଶ୍ୱ ଶାନ୍ତି ପାଇଁ ଏହା ଏକ ସ୍ମରଣୀୟ ଦିବସ । ତେହେରାନ୍ ଏବେ ପୁନଃ ନିର୍ମାଣ ଦିଗରେ ଅଗ୍ରସର ହେବାକୁ ପ୍ରସ୍ତୁତ ହେବ ବୋଲି ସେ କହିଛନ୍ତି । ରଣନୈତିକ ଭାବରେ ଗୁରୁତ୍ୱପୂର୍ଣ୍ଣ ହର୍ମୁଜ ପ୍ରଣାଳୀକୁ ପୁନଃ କାର୍ଯ୍ୟକ୍ଷମ କରିବା ନେଇ ଇରାନ ସମ୍ମତି ପ୍ରଦାନ କରିବା ପରିପ୍ରେକ୍ଷୀରେ ଆମେରିକା ପକ୍ଷରୁ ଦୁଇସପ୍ତାହ ପାଇଁ ଯୁଦ୍ଧ ବିରତି ଘୋଷଣା କରାଯାଇଛି ।। ଶ୍ରୀ ଟ୍ରମ୍ପ କହିଛନ୍ତି ଏହି ସମୟ ମଧ୍ୟରେ ସାମୁଦ୍ରିକ ଯାତାୟାତ ପରିଚାଳନା ଏବଂ ସେହି ଅଞ୍ଚଳରେ ସ୍ଥିରତାକୁ ସୁନିଶ୍ଚିତ କରିବା ନେଇ ଆମେରିକା ସହାୟତା ପ୍ରଦାନ କରିବ ।

---

# ଆର୍‌ବିଆଇ

ଭାରତୀୟ ରିଜର୍ଭ ବ୍ୟାଙ୍କ-ଆର୍‌ବିଆଇ ଆଜି ୫ ଦଶମିକ ୨/୫ ପ୍ରତିଶତରେ ରେପୋରେଟ୍ ଅପରିବର୍ତ୍ତିତ ରଖିଛି । ଚଳିତ ଆର୍ଥିକବର୍ଷ ପାଇଁ ଦ୍ୱିମାସିକ ମୁଦ୍ରାନୀତି ଘୋଷଣା କରି ଆରବିଆଇ ଗଭର୍ଣ୍ଣର ସଞ୍ଜୟ ମାଲହୋତ୍ରା କହିଛନ୍ତି, ମୁଦ୍ରାନୀତି କମିଟିର ସର୍ବସମ୍ମତ ନିଷ୍ପତ୍ତି ଅନୁଯାୟୀ ରେପୋ ରେଟ୍‌ରେ କୌଣସି ପରିବର୍ତ୍ତନ କରାଯାଇ ନାହିଁ । ଷ୍ଟାଣ୍ଡିଙ୍ଗ୍ ଡିପୋଜିଟ୍ ଫାସିଲିଟି ହାର ୫ ପ୍ରତିଶତ ରହିଥିବା ବେଳେ ମାର୍ଜିନାଲ୍ ଷ୍ଟାଣ୍ଡିଙ୍ଗ୍ ଫାସିଲିଟି ହାର ଏବଂ ବ୍ୟାଙ୍କ ହାରକୁ ୫ ଦଶମିକ ୫/୦ ପ୍ରତିଶତ ରଖାଯାଇଛି ।

ମୁଦ୍ରାନୀତି କମିଟି ଗତ ଆର୍ଥିକ ବର୍ଷର ସକଳ ଘରୋଇ ଉତ୍ପାଦ-ଜିଡିପି ୭ ଦଶମିକ ୬ ପ୍ରତିଶତ ରହିଥିବା ଉଲ୍ଲେଖ କରିଥିବା ବେଳେ

ଚଳିତ ଆର୍ଥିକବର୍ଷରେ ଏହା ୬ ଦଶମିକ ୯ ପ୍ରତିଶତ ରହିବ ବୋଲି ଆକଳନ କରିଛି । ଚଳିତ ଆର୍ଥିକବର୍ଷରେ ଖାଉଟି ମୂଲ୍ୟ ସୂଚକାଙ୍କ-ସିପିଆଇ ମୁଦ୍ରାସ୍ଫୀତି ୪ ଦଶମିକ ୬ ପ୍ରତିଶତ ରହିବ ବୋଲି ଆର୍‌ବିଆଇ ତା'ର ମୁଦ୍ରାନୀତିରେ ଘୋଷଣା କରିଛି । ପଶ୍ଚିମ ଏସିଆ ସଂଘର୍ଷ ଯୋଗୁଁ ସୃଷ୍ଟ ଶକ୍ତି ସଂକଟ ଓ ସମ୍ଭାବ୍ୟ ଏଲ୍‌ନିନୋ ପରିସ୍ଥିତି ଯୋଗୁଁ ମୁଦ୍ରାସ୍ଫୀତି ପ୍ରତି ବିପଦ ରହିଛି ବୋଲି ଶ୍ରୀ ମାଲ୍‌ହୋତ୍ରା କହିଛନ୍ତି ।

ସୂଚନାଯୋଗ୍ୟ, ମୁଦ୍ରାନୀତି କମିଟିର ଦ୍ୱିମାସିକ ବୈଠକ ଗତ ସୋମବାରଠାରୁ ଶ୍ରୀ ମାଲହୋତ୍ରାଙ୍କ ଅଧ୍ୟକ୍ଷତାରେ ଆରମ୍ଭ ହୋଇଥିଲା ।

---

# ହକି

ଆଗାମୀ ଆର୍ଜେଣ୍ଟିନା ଗସ୍ତ ପାଇଁ ୨୪ ଜଣିଆ ଭାରତୀୟ ମହିଳା ହକି ଦଳ ଘୋଷଣା କରାଯାଇଛି । ହକି ଇଣ୍ଡିଆ ପକ୍ଷରୁ ଘୋଷିତ ଏହି ଦଳର ନେତୃତ୍ୱ ସାଲିମା ଟେଟେ ନେବେ । ଆସନ୍ତା ୧୩ରୁ ୧୭ ତାରିଖ ପର୍ଯ୍ୟନ୍ତ ଆର୍ଜେଣ୍ଟିନା ସହ ବିଉନୋସ ଆୟର୍ସଠାରେ ଭାରତୀୟ ମହିଳା ହକି ଦଳ ମ୍ୟାଚ୍ ଖେଳିବ । ଚଳିତବର୍ଷ ଏଫ୍‌ଆଇଏଚ୍ ହକି ବିଶ୍ୱକପ୍ ଏବଂ ଏସୀୟ କ୍ରୀଡ଼ା ପ୍ରତିଯୋଗିତା ପୂର୍ବରୁ ଏକ ପ୍ରସ୍ତୁତି ସ୍ୱରୂପ ଭାରତୀୟ ମହିଳା ହକି ଦଳ ଆର୍ଜେଣ୍ଟିନା ବିପକ୍ଷରେ ଏହି ଗସ୍ତ ଅବସରରେ ୪ଟି ମ୍ୟାଚ୍ ଖେଳିବ । ଭାରତୀୟ ସମୟ ସନ୍ଧ୍ୟା ସାଢ଼େ୭ଟାରେ ଆସନ୍ତା ୧୩, ୧୪, ୧୬ ଏବଂ ୧୭ ତାରିଖରେ ମ୍ୟାଚ୍ ଖେଳାଯିବ ।

---

# ଆଇପିଏଲ୍

ଆଇପିଏଲ୍ କ୍ରିକେଟରେ ଆଜି ଦିଲ୍ଲୀ କ୍ୟାପିଟାଲ୍ସ ଏବଂ ଗୁଜରାଟ ଟାଇଟନ୍ସ ମଧ୍ୟରେ ମ୍ୟାଚ୍ ଖେଳାଯିବ । ଦିଲ୍ଲୀର ଅରୁଣ ଜେଟଲୀ ଷ୍ଟାଡିୟମ୍

ଠାରେ ସନ୍ଧ୍ୟା ସାଢ଼େ ସାତଟାରେ ଏହି ମ୍ୟାଚ୍ ଆରମ୍ଭ ହେବ । ଗତକାଲିର ମ୍ୟାଚ୍‌ରେ ରାଜସ୍ଥାନ ରୟାଲ୍ସ ମୁମ୍ବାଇ ଇଣ୍ଡିଆନ୍ସକୁ ୨୭ ରନ୍‌ରେ ପରାସ୍ତ କରିଥିଲା ।